ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୭୦-୭୧ ମସିହାର ବଜେଟ୍ ଉପସ୍ଥାପିତ କରି
# ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ
# ଅଭିଭାଷଣ

ମହାଶୟ,

ବର୍ତ୍ତମାନ ମୁଁ ଏହି ମହାମାନ୍ୟ ସଭା ସମକ୍ଷରେ ୧୯୭୦-୭୧ ମସିହା ପାଇଁ ଓଡ଼ିଶା ସରକାରଙ୍କ ବାର୍ଷିକ ଅର୍ଥ-ବିବରଣୀ ଉପସ୍ଥାପିତ କରିବାକୁ ଯାଉଛି ।

୨ । ଗତ ଆର୍ଥିକ ବର୍ଷଟି ଅନେକ ଦିଗରୁ ଘଟଣାବହୁଳ ହୋଇଛି । ଏହି ବର୍ଷଟି ହିଁ, ଚନ୍ଦ୍ର ପୃଷ୍ଠରେ ମନୁଷ୍ୟର ଅବତରଣ ଭଳି ଅଦ୍ଭୁତ କଳ୍ପନାବିଳାସ, ଅଥଚ ବାସ୍ତବ ଘଟଣା ପ୍ରତ୍ୟକ୍ଷ କରିଛି । ଭାରତୀୟ ଜାତୀୟ କଂଗ୍ରେସର ବିଭାଜନ ଯୋଗୁଁ ଭାରତର ରାଜନୈତିକ ଇତିହାସରେ ଏ ବର୍ଷଟି ଯୁଗାନ୍ତକର ମଧ୍ୟ ହୋଇଛି । ଯେଉଁ କଂଗ୍ରେସ ଏ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଭାବଶାଳୀ ନ ହେଲେ ମଧ୍ୟ, ଦେଶରେ ସର୍ବପ୍ରଧାନ ପ୍ରଭାବଶାଳୀ ରାଜନୈତିକ ଶକ୍ତି ହିସାବରେ ରହି ଆସିଥିଲା, ତା'ର ବିଭାଜନ ସଙ୍ଗେ ସଙ୍ଗେ ଏକ ନୂତନ ଯୁଗର ଅଭ୍ୟୁଦୟ ଘଟିଛି । ମୋର ଆଶା ଯେ ଗଣତନ୍ତ୍ର ଓ ଧର୍ମ-ନିରପେକ୍ଷତାର ଶକ୍ତି ହିଁ ପରିଣାମରେ ଜୟଯୁକ୍ତ ହେବ ଏବଂ ଏହା ଫଳରେ ପାରସ୍ପରିକ ଆସ୍ଥା ଓ ବିଶ୍ୱାସର ଏକ ବାତାବରଣ ମଧ୍ୟରେ ବ୍ୟକ୍ତିଗତ ସ୍ୱାଧୀନତା ଓ ଅର୍ଥନୈତିକ ବିକାଶ ସାଧିତ ହୋଇପାରିବ ।

## ଅର୍ଥନୈତିକ ପରିସ୍ଥିତି

୩ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ, ୧୯୬୫-୬୬ ଓ ୧୯୬୬-୬୭, ଏ ଦୁଇଟି ବର୍ଷ ଆମ ଦେଶ ପକ୍ଷେ ଅତୀବ କ୍ଳେଶକର ସମୟ ଥିଲା । ପ୍ରଧାନତଃ ପ୍ରତିକୂଳ ପାଣିପାଗ ଅବସ୍ଥା ଯୋଗୁଁ କୃଷି ଉତ୍ପାଦନ ହଠାତ୍ ହ୍ରାସ ପାଇଲା । ୧୯୬୬ ମସିହାରେ ଯେଉଁ ମୁଦ୍ରାମୂଲ୍ୟ-ହ୍ରାସ କରାଯାଇଥିଲା, ତାହା ଦେଶର ବହିର୍ବାଣିଜ୍ୟ ପରିସ୍ଥିତିକୁ ସୁଧାରିବା ଦିଗରେ ଆଶାଜନକ ଫଳ ଦେଲା ନାହିଁ ଏବଂ ଏହା ସାଙ୍ଗକୁ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ପଶ୍ଚାଦ୍‌ଗତି ଦେଖାଦେଲା । ଏ ସବୁର ସମଷ୍ଟିଗତ ପ୍ରଭାବ ଫଳରେ ଦରଦାମ ଅସାଧାରଣଭାବରେ ବୃଦ୍ଧି ପାଇଲା, ଏବଂ ବାସ୍ତବ ଆକାରରେ ଜାତୀୟ ଆୟ ମଧ୍ୟ ହ୍ରାସ ପାଇଲା । ସୌଭାଗ୍ୟର କଥା, ୧୯୬୭-୬୮ ମସିହାରେ ମୁଖ୍ୟତଃ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇବା ଯୋଗୁଁ ଆମର ଅର୍ଥନୀତି ଅନୁକୂଳ ଦିଗରେ ଗତି କଲା । ୧୯୬୮-୬୯ ମସିହାରେ ଭାରତର ଅର୍ଥନୀତିରେ ଯେଉଁ ଉନ୍ନତି ଦେଖାଦେଇଥିଲା, ତାହା ଖାଦ୍ୟଶସ୍ୟ-ଉତ୍ପାଦନ ଅବ୍ୟାହତ ରହିବା, ଶିଳ୍ପ ଉତ୍ପାଦନ ଦିଗରେ ରହି ଆସିଥିବା ମାନ୍ଦା ପରିସ୍ଥିତି ଯଥେଷ୍ଟ ମାତ୍ରାରେ ସୁଧୁରିଯିବା ଏବଂ ବୈଦେଶିକ ମୁଦ୍ରା ମହଜୁଦ ରାଶିର ଉନ୍ନତି ଘଟିବାରେ ପ୍ରତିଫଳିତ ହୋଇଥିଲା । ୧୯୬୦-୬୧ ମସିହା ଦରଦାମ ଭିତ୍ତିରେ ଜାତୀୟ ଆୟ ୧୯୬୭-୬୮ ମସିହାରେ ଶତକଡ଼ା ଯେଉଁ ନଅ ଭାଗ ବୃଦ୍ଧି ପାଇଥିଲା, ୧୯୬୮-୬୯ରେ ତାହା ଅପେକ୍ଷା ଆହୁରି ଶତକଡ଼ା ତିନି ଭାଗ ବୃଦ୍ଧି ପାଇଲା ।

୪ । ଓଡ଼ିଶାରେ ଏହି ପଶ୍ଚାଦ୍‌ଗତିର ଅପସାରଣ ଅପେକ୍ଷାକୃତ ମନ୍ଥର ହୋଇଛି । ୧୯୬୭-୬୮ ମସିହାଟି ଉଜ୍ଜ୍ୱଳ ଆଶା ମଧ୍ୟରେ ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଚୁର ଫସଲ ଅମଳ ହେବାର ଆଶା, ପୁନର୍ବାର ପ୍ରତିକୂଳ ପାଣିପାଗ ଯୋଗୁଁ ବ୍ୟର୍ଥ ହୋଇଗଲା । ଫଳତଃ ଓଡ଼ିଶାର ଅର୍ଥନୈତିକ ପରିସ୍ଥିତି ପୂର୍ବଭଳି ନିମ୍ନସ୍ତରରେ ରହିଥିଲା । ଯାହାହେଉ, ୧୯୬୮-୬୯ ମସିହାରେ ଓଡ଼ିଶାର ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି । ଏହା ବିଶେଷକରି କୃଷି-ଉତ୍ପାଦନର ବୃଦ୍ଧି ଫଳରେ ଘଟିଥିଲା । ୧୯୬୭-୬୮ ମସିହାରେ ରାଜ୍ୟର ଆୟ ୪୭୪ କୋଟି ଟଙ୍କା ଅଟକଳ କରାଯାଇଥିବା ସ୍ଥଳେ, ପରବର୍ତ୍ତୀ ବର୍ଷ ଏହା ୫୦୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା, ଅର୍ଥାତ୍ ଏ ବାବଦରେ ଶତକଡ଼ା ୬·୭ ହାରରେ ବୃଦ୍ଧି ଘଟିଥିଲା । ମାନ୍ୟବର ସଭ୍ୟମାନେ ଲକ୍ଷ୍ୟ କରିପାରିବେ ଯେ ୧୯୬୮-୬୯ ମସିହାରେ ଓଡ଼ିଶା ରାଜ୍ୟର ଆୟ ପୂର୍ବ ବର୍ଷର ଆୟ ଅପେକ୍ଷା ଯେଉଁ ହାରରେ ବୃଦ୍ଧି ପାଇଥିଲା ତାହା, ସେହି ସମୟ ମଧ୍ୟରେ ଜାତୀୟ ଆୟରେ ପରିଲକ୍ଷିତ ବୃଦ୍ଧିହାରର ଦୁଇଗୁଣରୁ ଅଧିକ ହୋଇଛି । ରାଜ୍ୟର ମୁଣ୍ଡପିଛା ଆୟ ମଧ୍ୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ୧୯୬୭-୬୮ ମସିହାରେ ଓଡ଼ିଶାର ମୁଣ୍ଡପିଛା ଆୟ ୨୩୮ ଟଙ୍କା ଥିବାସ୍ଥଳେ ପରବର୍ତ୍ତୀ ବର୍ଷ ଏହା ୨୪୯ ଟଙ୍କାକୁ ବୃଦ୍ଧି ପାଇଥିଲା ।

୫ । ୧୯୫୯ ମସିହାର ମୂଲ୍ୟ-ଭିତ୍ତିରେ ଶ୍ରମିକ ଶ୍ରେଣୀର ଖାଉଟି ମୂଲ୍ୟସୂଚୀ ସମଗ୍ର ଭାରତ ପାଇଁ ୧୯୬୫-୬୬, ୧୯୬୬-୬୭, ୧୯୬୭-୬୮ ଓ ୧୯୬୮-୬୯ରେ ଯଥାକ୍ରମେ ୧୬୯, ୧୯୧, ୨୧୩ ଓ ୨୧୨ ହୋଇଥିଲା । କଟକ ପାଇଁ ଅନୁରୂପ ମୂଲ୍ୟସୂଚୀ ଯଥାକ୍ରମେ ୧୮୮, ୨୧୩, ୨୪୪ ଓ ୨୪୫ ଥିଲା । ଏଣୁ ଦରଦାମ ବୃଦ୍ଧି, ବର୍ତ୍ତମାନଙ୍କରେ ଯେଉଁଭଳି ତୀବ୍ରଭାବରେ ବୃଦ୍ଧି ପାଇଥିଲା ତାହାକୁ କେତେକ ପରିମାଣରେ ରୋକି ଦିଆଯାଇ ପାରିଛି ବୋଲି ମନେହୁଏ । ଖାଦ୍ୟଶସ୍ୟ ତଥା ଶିଳ୍ପ ଉତ୍ପାଦନର ବୃଦ୍ଧିକୁ ଅବ୍ୟାହତ ରଖିବା ସଙ୍ଗେ ସଙ୍ଗେ ଯଦି ଯଥାର୍ଥ ଆର୍ଥିକ ନୀତି ଓ ପରିଚାଳନାର ନିଶ୍ଚିତ ବ୍ୟବସ୍ଥା କରାଯାଏ, ତାହାହେଲେ ଦରଦାମ ସ୍ଥିର ରହିବାର ସମ୍ଭାବନା । ନିରବଚ୍ଛିନ୍ନ ଅର୍ଥନୈତିକ ବିକାଶ ନିମନ୍ତେ ଦରଦାମ ସ୍ଥିର ରଖାଯିବା ଏକାନ୍ତ ପ୍ରୟୋଜନୀୟ । ଏ ବାବଦରେ କେନ୍ଦ୍ର ସରକାରଙ୍କର ଆବଶ୍ୟକୀୟ କ୍ଷମତା ରହିଥିବା ଦୃଷ୍ଟିରୁ ମୁଁ ଆଶା କରୁଛି ଯେ ସେଥିପାଇଁ ସେମାନେ ଯଥାଯଥ ନୀତି ଅନୁସରଣ କରିବେ ।

## ପ୍ରାକୃତିକ ବିପର୍ଯ୍ୟୟ

୬ । ବିଗତ ବର୍ଷମାନଙ୍କ ପରି ୧୯୬୯ ମସିହାରେ ମଧ୍ୟ ଏ ରାଜ୍ୟ ଭାଗ୍ୟରେ ବନ୍ୟା ଓ ମରୁଡ଼ିର ଭାର ପଡ଼ିଥିଲା । ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ବ୍ୟତୀତ ଅନ୍ୟ ସବୁ ଜିଲ୍ଲା ବନ୍ୟାଗ୍ରସ୍ତ ହୋଇଥିଲା ଓ ଧନ ସମ୍ପତ୍ତିର ପ୍ରଭୂତ କ୍ଷତି ଘଟିଥିଲା । ଜରୁରୀ ରିଲିଫ୍ ବ୍ୟବସ୍ଥା ହାତକୁ ନିଆଯାଇଥିଲା ଏବଂ ପରେ ପରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

୭। ମୌସୁମୀ ବାୟୁପ୍ରବାହ ଠିକ୍ ସମୟରେ ଓ ଠିକ୍ ଭାବରେ ନ ହେବାରୁ କେବଳ ଯେ ବନ୍ୟା ହୋଇଥିଲା ତାହା ନୁହେଁ, କେତେକ ଅଞ୍ଚଳରେ ମରୁଡ଼ି ମଧ୍ୟ ଦେଖା ଦେଇଥିଲା । ୧୯୬୯ ମସିହା ସେପ୍ଟେମ୍ବର ଶେଷଭାଗ ଓ ଅକ୍ଟୋବର ମାସରେ କ୍ରମାଗତ ଶୁଖିଲା ପାଗ ଯୋଗୁଁ ମଧ୍ୟମ ଓ ଡେରିରେ ପାଚୁଥିବା ଧାନ ଫସଲର କ୍ଷତି ଘଟିବ ବୋଲି ବିଶେଷ ଆଶଙ୍କା ଉପୁଜିଥିଲା । କିନ୍ତୁ ପାଣି ପମ୍ପ ଯୋଗାଇ ଦିଆ ଯିବା ସଙ୍ଗେ ସଙ୍ଗେ ନଦୀନାଳମାନଙ୍କରେ ଆଡ଼ବନ୍ଧମାନ ପକାଇ ଜଳସେଚନର ବ୍ୟବସ୍ଥା କରାଯିବା ଫଳରେ କେତେକ ପରିମାଣରେ ଫସଲ ରକ୍ଷା ପାଇଗଲା ।

୮। ବନ୍ୟାରେ ଘଟିଥିବା କ୍ଷତି ପରିମାଣ କଳନା କରିବା ଉଦ୍ଦେଶ୍ୟରେ, ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଭାରତ ସରକାର ଏକ ଅଫିସରଦଳଙ୍କୁ ଓଡ଼ିଶା ପଠାଇଥିଲେ । ଏହି ଦଳ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ ଏବଂ ଏମାନଙ୍କ ସୁପାରିଶକ୍ରମେ ଭାରତ ସରକାର ୧୯୬୯-୭୦ ମସିହାରେ ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟରେ ଖର୍ଚ୍ଚ କରାଯିବା ପାଇଁ ୩୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରିଥିଲେ । ଏହା ବାଦ, ବିଗତ ବର୍ଷ ବାତ୍ୟାରେ ଯେଉଁ କ୍ଷୟକ୍ଷତି ଘଟିଥିଲା ସେ ସବୁର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୭୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ତଦନୁସାରେ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ଖୁବ୍ ଶୀଘ୍ର ସେ ସବୁକୁ ସଂପୂର୍ଣ୍ଣ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

୯। ଯଦିଓ ଭାରତର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ ସଂପୂର୍ଣ୍ଣ ହେବା ଉପରେ, ତଥାପି ଚତୁର୍ଥ ଯୋଜନାର ଆକାର ଓ ରୂପରେଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତେଣୁ ଓଡ଼ିଶାର ଚତୁର୍ଥ ଯୋଜନା ଚୂଡ଼ାନ୍ତ ଆକାର ନେଇ ପାରିନାହିଁ । ଓଡ଼ିଶାର ଚତୁର୍ଥ ଯୋଜନା ନିମନ୍ତେ ୧୭୦ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଦିଆଯିବା ପାଇଁ ଯୋଜନା କମିଶନ ଆପାତତଃ ସ୍ଥିର କରିଛନ୍ତି । ଏହାଛଡ଼ା ୨୮ କୋଟି ଟଙ୍କା ପର୍ଯ୍ୟନ୍ତ ଚୁକ୍ତିବଦ୍ଧ ଋଣ (ନେଗୋସିଏଟେଡ୍ ଲୋନ୍) ମିଳିବାର ସମ୍ଭାବନା ରହିଛି ଏବଂ ରାଜ୍ୟ ସରକାର ୩୫ କୋଟି ଟଙ୍କା ଯାଏ ଅଧିକ ସମ୍ବଳ ସଂଗ୍ରହ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି । ଯୋଜନା ଖର୍ଚ୍ଚ ତୁଳାଇବା ପାଇଁ ଏସବୁ ସମ୍ବଳ ମିଳିପାରିବାର ସୂଚନା ଦେଖାଯାଉଛି । ତଦନୁସାରେ ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପାଇଁ ଅର୍ଥ ଯୋଗାଇବା ନିମନ୍ତେ ୨୨୩ କୋଟି ଟଙ୍କା ସମ୍ବଳ ମିଳିବାର ଆଶା ଦେଖାଯାଏ ।

୧୦ । ସାରା ଦେଶ ମଧ୍ୟରେ, ବିକାଶ ନିମନ୍ତେ ପ୍ରଭୂତ ସମ୍ଭାବନା ରହିଥିବା ଓଡ଼ିଶାଭଳି ଏକ ସ୍ୱଳ୍ପ-ବିକାଶପ୍ରାପ୍ତ ରାଜ୍ୟ ପକ୍ଷେ ଏହି ପରିମାଣର ବ୍ୟୟ-ବ୍ୟବସ୍ଥା ନିତାନ୍ତ କମ୍ । ସମଗ୍ର ଦେଶର ଶତକଡ଼ା ୪.୧ ଭାଗ ଲୋକ ଏ ରାଜ୍ୟରେ ଥିବା ସ୍ଥଳେ, ଏହାର ଆୟ ଜାତୀୟ ଆୟର ମାତ୍ର ଶତକଡ଼ା ୨.୫ ଭାଗ । ୧୯୬୫-୬୬ର ପନ୍ଦର ବର୍ଷ ପୂର୍ବେ ଜାତୀୟ ଆୟରେ ଓଡ଼ିଶାର ଭାଗ ଯେତିକି ଥିଲା, ପ୍ରଥମ ତିନିଗୋଟି ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରାଯିବା ସତ୍ତ୍ୱେ ୧୯୬୫-୬୬ ମସିହାରେ ମଧ୍ୟ ସେତିକି ରହିଥିଲା । ରାଜ୍ୟରେ ଅର୍ଥନୈତିକ ଭିତ୍ତିଭୂମି ପୂର୍ବପରି ଅପେକ୍ଷାକୃତ ଅନଗ୍ରସର ଅବସ୍ଥାରେ ରହିଛି ଏବଂ ବହୁ ଅଞ୍ଚଳର ସଂଖ୍ୟାଧିକ ଲୋକ ଅଶିକ୍ଷିତ ଓ ଅନୁନ୍ନତ ଅବସ୍ଥାରେ ରହିଛନ୍ତି । କେବଳ ଅଧିକରୁ ଅଧିକ ସମ୍ବଳ ବିନିଯୋଗହିଁ ଏହି ରାଜ୍ୟର ଅର୍ଥନୈତିକ ପରିସ୍ଥିତିକୁ ଉନ୍ନତ କରାଇପାରିବ । ଓଡ଼ିଶାର ମୁଣ୍ଡପିଛା ଆୟକୁ ୧୯୭୩-୭୪ ମସିହା ସୁଦ୍ଧା ସର୍ବଭାରତୀୟ ସ୍ତରକୁ ଆଣିବାକୁ ହେଲେ ୧୯୬୯—୭୪ ପାଞ୍ଚବର୍ଷ ମଧ୍ୟରେ ସର୍ବମୋଟ ୧,୩୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଅଟକଳ କରିଥିଲେ । ଯାହାହେଉ, ବର୍ତ୍ତମାନ ଆୟ କ୍ଷେତ୍ରରେ ତାରତମ୍ୟ ଯେଉଁ ସ୍ତରରେ ଅଛି ଏପରିକି ସେତିକି ବଜାୟ ରଖିବାକୁ ଗଲେ ମଧ୍ୟ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ତଥା ବେସରକାରୀ ଉଦ୍ୟୋଗରେ ବିନିଯୋଗ ନିମନ୍ତେ ସବୁମିଶି ମୋଟ ୭୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ଆବଶ୍ୟକ ପଡ଼ିବ । ସର୍ବମୋଟ ଯେତିକି ଟଙ୍କା ଖର୍ଚ୍ଚ କରାଯିବ ତହିଁରେ ରାଜ୍ୟ ସରକାରଙ୍କ ଖର୍ଚ୍ଚର ଅଂଶ ଶତକଡ଼ା ୩୫ ଭାଗ ବୋଲି ଧରାଗଲେ, ବାର୍ଷିକ ଶତକଡ଼ା ୫ ହିସାବରେ ଅଭିବୃଦ୍ଧି ହାସଲ କରିବାପାଇଁ ଏବଂ ରାଜ୍ୟର ଅର୍ଥନୀତି ଯେପରି ଆଉ ପଛେଇ ନ ଯାଏ ତହିଁର ବ୍ୟବସ୍ଥା କରିବାପାଇଁ, ଓଡ଼ିଶାର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ନିମନ୍ତେ ସର୍ବନିମ୍ନ ୨୬୫ କୋଟି ଟଙ୍କାର ଖର୍ଚ୍ଚ ଆବଶ୍ୟକ ହେଉଛି । ତେଣୁ ୧୯୬୯—୭୪ ପର୍ଯ୍ୟନ୍ତ ପାଞ୍ଚବର୍ଷ କାଳ ପାଇଁ ଅନ୍ତତଃ ୨୬୫ କୋଟି ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା ଥିବା ଯୋଜନା-କାର୍ଯ୍ୟକ୍ରମ ରଖିବା ସକାଶେ ରାଜ୍ୟ ସରକାର ଯେପରି ସମର୍ଥ ହୋଇପାରିବେ ସେଥିଲାଗି ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା ନିମନ୍ତେ ଆମ୍ଭେମାନେ ଯୋଜନା କମିଶନଙ୍କୁ ଅନୁରୋଧ କରୁଛୁ ।

## ପଞ୍ଚମ ଅର୍ଥ କମିଶନ

୧୧ । ମହାଶୟ, ଏହି ପରିପ୍ରେକ୍ଷୀରେ ମୁଁ ଭାରତ ସରକାରଙ୍କ ଦ୍ୱାରା ଗୃହୀତ ହୋଇଥିବା ପଞ୍ଚମ ଅର୍ଥ କମିଶନଙ୍କ ସୁପାରିଶଗୁଡିକ ପ୍ରତି ମାନ୍ୟବର ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଗତବର୍ଷ ମୁଁ ଉଲ୍ଲେଖ କରିଥିଲି ଯେ ପଞ୍ଚମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶଗୁଡିକ ଓଡ଼ିଶା ପକ୍ଷରେ ଗଭୀର ନୈରାଶ୍ୟ ସୃଷ୍ଟି କରିଛି । କମିଶନଙ୍କ ଚୂଡ଼ାନ୍ତ ସୁପାରିଶଗୁଡିକ ଆହୁରି ଅଧିକ ନୈରାଶ୍ୟଜନକ ହୋଇଛି । ଚୂଡ଼ାନ୍ତ ସୁପାରିଶଗୁଡିକର ଭିତ୍ତିରେ ଓଡ଼ିଶା ୧୯୬୯—୭୪

ପର୍ଯ୍ୟନ୍ତ ପାଞ୍ଚବର୍ଷକାଳ ମଧ୍ୟରେ ଟିକସରୁ ଭାଗ ଆକାରରେ ଏବଂ ସମ୍ବିଧାନର ୨୭୫ (୧) ଅନୁଚ୍ଛେଦ ଅନୁସାରେ ଗ୍ରାଣ୍ଟ ସ୍-ଇନ୍-ଏଡ୍ ଆକାରରେ ୨୫୦·୭୮ କୋଟି ଟଙ୍କା ପାଇବ । ପୂର୍ବବର୍ତ୍ତୀ ଅର୍ଥ କମିଶନଙ୍କ ସୁପାରିଶଗୁଡ଼ିକ ଭିତ୍ତିରେ ରାଜ୍ୟ ସରକାର ଯେତିକି ପାଇବାର କଥା, ଉକ୍ତ ଅର୍ଥ ତାହାଠାରୁ ଯେ ଅଧିକ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଉକ୍ତ ଅର୍ଥ ମିଳିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅଣ-ଯୋଜନା ଖାତାରେ ବହୁତ ନିଅଣ୍ଟ ରହିଯାଉଛି ।

୧୨ । ଦେଶ ବର୍ତ୍ତମାନ ଯେଉଁସବୁ ବୃହତ୍ ସମସ୍ୟାର ସମ୍ମୁଖୀନ, ସେଥିମଧ୍ୟରୁ ଗୋଟିଏ ହେଲା : ଆୟ ଓ ସୁବିଧାସୁଯୋଗ ସଂକ୍ରାନ୍ତ ଆଞ୍ଚଳିକ ତାରତମ୍ୟ । ଏହିସବୁ ତାରତମ୍ୟ ଦୂର କରିବାପାଇଁ ଯଦି ଯଥା ସମୟରେ ପଦକ୍ଷେପ ଗ୍ରହଣ କରା ନ ଯାଏ, ତାହା ଫଳରେ ଆଞ୍ଚଳିକ ବୈଷମ୍ୟ ବୃଦ୍ଧି ପାଇବ, ଯାହାକି ଦେଶର ମୌଳିକ ଏକତା ପ୍ରତି ପରିଶେଷରେ ବ୍ୟାଘାତ ସୃଷ୍ଟି କରିବ । ଜାତୀୟ ଉନ୍ନୟନ ପରିଷଦ ଦୁର୍ବଳ ରାଜ୍ୟମାନଙ୍କ ପକ୍ଷରେ କେତେକ ବିଶେଷ ସୁବିଧା ସୁଯୋଗର ବ୍ୟବସ୍ଥା କରି କେନ୍ଦ୍ରୀୟ ଯୋଜନା ସାହାଯ୍ୟ ବଣ୍ଟନ ନିମନ୍ତେ ସୂତ୍ର ନିର୍ଦ୍ଧାରଣ କଲାବେଳେ ଏ ବିଷୟ ପ୍ରତି ଅବହିତ ରହିଛନ୍ତି । ମାନ୍ୟବର ସଭ୍ୟମାନେ ଏହି ସୂତ୍ର ବିଷୟରେ ଅବଗତ ଅଛନ୍ତି । ତେବେ ଯାହାହେଉ ଏହି ଯେଉଁ ସୂତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି ତାହା ସାର୍ଥକ ହେବ—ଯଦି ସବୁ ରାଜ୍ୟମାନଙ୍କର ଅଣଯୋଜନା କ୍ଷେତ୍ରରେ ରହିଥିବା ଅର୍ଥ ବ୍ୟବସ୍ଥାକୁ ପ୍ରଥମରୁ ଗୋଟିଏ ସମାନ ସ୍ତରକୁ ଅଣାଯାଏ । ତାହା ନ ହେଲେ ଗୋଟିଏ ରାଜ୍ୟ ନିଜର ଅର୍ଥନୀତିର ଅନଗ୍ରସରତା ଯୋଗୁଁ କେନ୍ଦ୍ରୀୟ ଯୋଜନା ସାହାଯ୍ୟ ବଣ୍ଟନ ବାବଦରେ ଯେ କୌଣସି ସୁବିଧା ସୁଯୋଗ ଲାଭ କରୁ ପଛକେ, ସେହି ରାଜ୍ୟର ଅଣ-ଯୋଜନା କ୍ଷେତ୍ରରେ ଯଦି ନିଅଣ୍ଟ ରହେ କିମ୍ବା ସମୃଦ୍ଧ ରାଜ୍ୟମାନଙ୍କର ଅଣ-ଯୋଜନା ହିସାବରେ ବଳକା ଅର୍ଥ ବାହାରେ ତେବେ ଉକ୍ତ ସୁବିଧା ସୁଯୋଗଦ୍ୱାରା ଦୁର୍ବଳ ରାଜ୍ୟର କିଛି ଲାଭ ହେବନାହିଁ ।

୧୩ । ପଞ୍ଚମ ଅର୍ଥ କମିଶନଙ୍କ ସୁପାରିଶ ଆମ୍ଭମାନଙ୍କ ପକ୍ଷରେ ବିଶେଷ ନୈରାଶ୍ୟଜନକ ହୋଇଛି, କାରଣ ଏ ସବୁ ସୁପାରିଶ ଫଳରେ ୭ଟି ରାଜ୍ୟର ଅଣ-ଯୋଜନା ରାଜସ୍ୱ ବାବଦ ବଳକା ୧,୨୭୧ କୋଟି ଟଙ୍କା ରହୁଥିବା ବେଳେ ଓଡ଼ିଶା ସମେତ ଅବଶିଷ୍ଟ ରାଜ୍ୟମାନଙ୍କର ମୋଟେ ବଳକା ରହୁନାହିଁ । ଅନ୍ୟ ପକ୍ଷରେ ଓଡ଼ିଶା ଭଳି ଯେଉଁ କେତେକ ରାଜ୍ୟ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ, ସେମାନେ ବିଶେଷ ପରିମାଣରେ ନିଅଣ୍ଟର ସମ୍ମୁଖୀନ ହେବେ । ଅର୍ଥ କମିଶନଙ୍କ ସୁପାରିଶ ଭିତ୍ତିରେ କେତେକ ରାଜ୍ୟ ଯଥେଷ୍ଟ ପରିମାଣରେ ବଳକା ରାଜସ୍ୱ ପାଇ ପାରୁଥିବା ବେଳେ ଯଦି ଅନ୍ୟ ରାଜ୍ୟମାନେ ସେହି ପ୍ରକାର ସୁବିଧାରୁ ବଂଚିତ ହୁଅନ୍ତି ତେବେ ତାହା ଫଳରେ ଆଞ୍ଚଳିକ ବୈଷମ୍ୟ ନିଃସନ୍ଦେହରେ ଦ୍ରୁତ ବୃଦ୍ଧି ପାଇବ । ଅର୍ଥ କମିଶନଙ୍କ

ସୁପାରିଶର ଫଳ ଏହା ହିଁ ହେବ ଯେ ଧନୀ ରାଜ୍ୟମାନେ ଅଧିକତର ଧନଶାଳୀ ହେବେ ଓ ଦରିଦ୍ର ରାଜ୍ୟଗୁଡ଼ିକ ଅଧିକରୁ ଅଧିକ ଅସୁବିଧାର ସମ୍ମୁଖୀନ ହେବେ । ଏହାର ସୁଦୂର ପରିଣତି ଅତ୍ୟନ୍ତ ବିଷମୟ ହେବ ।

୧୪ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସହିତ ନିଜର ନିଷ୍ପତ୍ତିକୁ ଖାପ ଖୁଆଇବା ଲକ୍ଷ୍ୟରେ ନିର୍ଦ୍ଧାରିତ ସମୟର ବହୁ ଆଗରୁ ପଞ୍ଚମ ଅର୍ଥ କମିଶନ ବସା ଯାଇଥିଲା । ମୁଁ ପୂର୍ବରୁ ସୂଚାଇ ଦେଇଛି ଯେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ ପ୍ରାୟ ଶେଷ ହେବା ଉପରେ ଥିଲେ ମଧ୍ୟ ଏହି ଯୋଜନା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ପାରିନାହିଁ । ମୂଳ କାର୍ଯ୍ୟକ୍ରମ ଅନୁଯାୟୀ ୧୯୬୬-୬୭ ମସିହାରୁ ଚତୁର୍ଥ ଯୋଜନା ଆରମ୍ଭ ହେବାର ଥିଲା । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପରିବର୍ତ୍ତେ କେତେଗୁଡ଼ିଏ ବାର୍ଷିକ ଯୋଜନା ହେଲା । ଆଶା କରାଯାଉଥିଲା ଯେ ୧୯୬୮-୬୯ ମସିହାରେ ବାର୍ଷିକ ଯୋଜନା-ଗୁଡ଼ିକର ମିଆଦ ପୂରିଯିବ ଏବଂ ୧୯୬୯-୭୦ ମସିହାଠାରୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେବ । କିନ୍ତୁ କାର୍ଯ୍ୟତଃ ବାର୍ଷିକ ଯୋଜନାର ମିଆଦ ଯେ ୧୯୬୯-୭୦ ମସିହାରେ କେବଳ ସ୍ଥିର୍ ରଖାଯାଇଛି ତାହା ନୁହେଁ, ପରନ୍ତୁ ଏହାକୁ ୧୯୭୦-୭୧ ମସିହାକୁ ମଧ୍ୟ ବଢ଼ାଇ ଦିଆଯାଉଛି । ୧୯୬୯-୭୦ ମସିହାରୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆରମ୍ଭ କରିବା କଥା କେବଳ ଚିନ୍ତାରେ ହିଁ ପର୍ଯ୍ୟବସିତ ରହିଛି ।

୧୫ । ଯେହେତୁ ପଞ୍ଚମ ଅର୍ଥ କମିଶନଙ୍କ ନିଷ୍ପତ୍ତି ଦୁର୍ବଳ ରାଜ୍ୟମାନଙ୍କ ପକ୍ଷେ ଅତି ଅସନ୍ତୋଷଜନକ ହୋଇଛି, ତେଣୁ ପୂରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି ନିଷ୍ପତ୍ତିକୁ ବଳବତ୍ତର ରଖିବା ଉଚିତ ହେବନାହିଁ । ବରଂ ଦୁର୍ବଳ ରାଜ୍ୟମାନଙ୍କ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ସଂଶ୍ଳିଷ୍ଟ ଅର୍ଥବଣ୍ଟନ ସମସ୍ୟାକୁ ନୂତନ ଦୃଷ୍ଟିକୋଣରୁ ବିଚାର କରିବା ଉଦ୍ଦେଶ୍ୟରେ ତୁରନ୍ତ ଏକ ନୂତନ ଅର୍ଥ କମିଶନ ବସାଇବା ବିଜ୍ଞତାର କାର୍ଯ୍ୟ ହେବ । ଯେଉଁ ବାର୍ଷିକ ଯୋଜନା କାଳ କାର୍ଯ୍ୟତଃ ୧୯୭୦-୭୧ ମସିହାକୁ ବଢ଼ାଇ ଦିଆଯାଉଛି, ୧୯୬୬-୬୭ ମସିହାଠାରୁ ୧୯୭୦-୭୧ ମସିହା ଲଗାଏତ ପାଞ୍ଚବର୍ଷ ତାହାର ପରିସରଭୁକ୍ତ ବୋଲି ଆନୁଷ୍ଠାନିକ ଭାବରେ ସ୍ୱୀକାର କରାଯିବା ଉଚିତ । ଏହାପରେ ୧୯୭୧-୭୨ ମସିହାରୁ ଆରମ୍ଭ କରି ଏକ ନୂଆ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇପାରେ । ଯେଉଁ ନୂଆ ଅର୍ଥ କମିଶନ ବସାଇବାର ପ୍ରସ୍ତାବ କରାଯାଉଛି ତାଙ୍କର ନିଷ୍ପତ୍ତି-କାଳ ସହିତ ଉକ୍ତ ନୂଆ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମେଳ ରଖାଇବାକୁ ହେବ ।

୧୬। ସବୁ ରାଜ୍ୟର ଅଣଯୋଜନା କ୍ଷେତ୍ରରେ ଅର୍ଥ ବ୍ୟବସ୍ଥାକୁ ଗୋଟିଏ ସମାନ ସ୍ତରକୁ ଆଣିବା ସକାଶେ ଉପଯୁକ୍ତ ପନ୍ଥା ସୁପାରିଶ କରିବା ପ୍ରସ୍ତାବ ନୂତନ ଅର୍ଥ କମିଶନଙ୍କ ବିଚାର୍ଯ୍ୟ ବିଷୟର ପରିସରଭୁକ୍ତ ହେବା ଆବଶ୍ୟକ। ତାହାହେଲେ ଅନଗ୍ରସର ରାଜ୍ୟମାନଙ୍କୁ କେନ୍ଦ୍ରୀୟ ଯୋଜନା ସାହାଯ୍ୟ ଅଧିକ ପରିମାଣରେ ହସ୍ତାନ୍ତରିତ ହେବା ଫଳରେ ଆଞ୍ଚଳିକ ବୈଷମ୍ୟ-ହ୍ରାସ ରୂପକ ଈପ୍ସିତ ଲକ୍ଷ୍ୟ ହାସଲ ହୋଇପାରିବ। ଯଦି ଏପରି ମାର୍ଗଦର୍ଶନ କେନ୍ଦ୍ର ସରକାରଙ୍କଠାରୁ ନମିଳେ ତାହାହେଲେ ଆମେ ଯେଉଁ ସୁଷମ ଆଞ୍ଚଳିକ ବିକାଶର ଲକ୍ଷ୍ୟ ସଂପର୍କରେ ବହୁତ କଥା ଶୁଣି ଆସିଲୁଣି ତାହା କେବେ ହେଲେ ହାସଲ ହୋଇପାରିବ ନାହିଁ।

୧୭। ମହାଶୟ, ଏହି ପରିପ୍ରେକ୍ଷୀରେ ୧୯୭୦-୭୧ ପାଇଁ ବଜେଟ୍ ଅଟକଳ ଉପସ୍ଥାପନ କରିବା ପୂର୍ବରୁ ମୁଁ ୧୯୬୮-୬୯ ମସିହାର ହିସାବ ଓ ଚଳିତ ବର୍ଷର ସଂଶୋଧିତ ଅଟକଳର ଧାରଣା ଦେବାକୁ ଯାଉଛି।

## ୧୯୬୮-୬୯ ହିସାବ

୧୮। ୧୯୬୮-୬୯ ମସିହା ପାଇଁ ଯେଉଁ ହିସାବ ଓଡ଼ିଶାର ଆକାଉଣ୍ଟେଣ୍ଟ ଜେନେରାଲ ଦେଇଛନ୍ତି, ସେଥିରେ ବର୍ଷ ଶେଷରେ ୬·୪୯ କୋଟି ଟଙ୍କାର ନିଅଣ୍ଟ ଦର୍ଶାଯାଇଛି। ଭାରତର ରିଜର୍ଭ ବ୍ୟାଙ୍କଠାରୁ ରାଜ୍ୟ ସରକାରଙ୍କୁ ଅଧିକ ଋଣ ମିଳି ନଥିଲେ ଏହି ନିଅଣ୍ଟ ଆହୁରି ଅଧିକ ହୋଇଥାଆନ୍ତା।

## ସଂଶୋଧିତ ଅଟକଳ, ୧୯୬୯-୭୦

୧୯। ଚଳିତ ବର୍ଷ ସକାଶେ ଗୃହୀତ ହୋଇଥିବା ବଜେଟ ଅଟକଳରେ ୨୫ ଲକ୍ଷ ଟଙ୍କା ବଳକା ରହିବ ବୋଲି କଳ୍ପନା କରାଯାଇଥିଲା; କାରଣ ୧୯୬୮-୬୯ ମସିହାରେ ଭାରତ ସରକାରଙ୍କଠାରୁ ୧୨ କୋଟି ଟଙ୍କା ବିଶେଷ ସାହାଯ୍ୟ ମିଳିବ ବୋଲି ଏଥିରେ ଧରି ନିଆଯାଇଥିଲା। ଏହି ବିଶେଷ ସାହାଯ୍ୟ ମିଳିଲା ନାହିଁ ଏବଂ ପୂର୍ବରୁ ଉଲ୍ଲେଖ କରାଯାଇଥିବା ୬·୪୯ କୋଟି ଟଙ୍କା ନିଅଣ୍ଟ ରହି ୧୯୬୮-୬୯ ମସିହାର ହିସାବ ସମାପ୍ତ ହେଲା। ଏହା ବ୍ୟତୀତ, ରାଜ୍ୟ ସରକାରଙ୍କର ଆୟବ୍ୟୟ ସନ୍ତୁଳନରେ ଅଭାବ ପଡ଼ିବା ଯୋଗୁଁ ୧୯୬୮-୬୯ ମସିହା ଶେଷ ସୁଦ୍ଧା ଭାରତର ରିଜର୍ଭ ବ୍ୟାଙ୍କଠାରୁ ରାଜ୍ୟ ସରକାର ନେଇଥିବା ଋଣର ପରିମାଣ ୧୫·୯୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୬·୪୯ କୋଟି ଟଙ୍କା ନିଅଣ୍ଟ ସହ ଚଳିତ ଆର୍ଥିକ ବର୍ଷର ହିସାବ ଆରମ୍ଭ କରାଯାଇଛି। ପୁନଶ୍ଚ, ପୂର୍ବବର୍ଷ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କରୁ ଯେଉଁ ୧୫·୯୨ କୋଟି ଟଙ୍କା ପାଇଥିଲେ ତାହା ରାଜ୍ୟ ସରକାରଙ୍କୁ ପରିଶୋଧ କରିବାକୁ ପଡ଼ିବ।

୨୦ । ପ୍ରତ୍ୟାଶିତ ୨୫ ଲକ୍ଷ ଟଙ୍କାର ବଳକା ଜମାକୁ ନେଇ ବର୍ଷ ଶେଷରେ ୨୨·୯୩ କୋଟି ଟଙ୍କାର ନିଅଣ୍ଟ ଦର୍ଶାଯାଇ ଚଳିତ ବର୍ଷର ହିସାବ ଶେଷ ହେବ ବୋଲି ଆଶା କରାଯାଉଥିଲା । ଯେହେତୁ ପ୍ରକୃତରେ ବର୍ଷ ଆରମ୍ଭରୁ ୭·୪୯ କୋଟି ଟଙ୍କା ନିଅଣ୍ଟ ଦର୍ଶାଯାଇ ହିସାବ ଆରମ୍ଭ ହେଲା, ତେଣୁ ପ୍ରାରମ୍ଭିକ ହିସାବରେ ନିଅଣ୍ଟ ପରିମାଣ ୭·୭୪ କୋଟି ଟଙ୍କା ହୋଇଥିଲା । ଏତଦ୍‌ବ୍ୟତୀତ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଯେଉଁ ୧୫·୯୨ କୋଟି ଟଙ୍କା ପରିଶୋଧ କରିବେ ତାହା ବଜେଟ୍ ଅଟକଳରେ କଳ୍ପନା କରାଯାଇନଥିଲା । ତେଣୁ ପ୍ରାରମ୍ଭିକ ଜମାଖର୍ଚ୍ଚ ହିସାବରେ ପ୍ରକୃତ ନିଅଣ୍ଟ ୨୩·୬୬ କୋଟି ଟଙ୍କା ହେଉଛି । ଏହାକୁ ହିସାବକୁ ନିଆଗଲେ ବଜେଟରେ ବର୍ଷଶେଷ ନିଅଣ୍ଟର ପରିମାଣ ପ୍ରତ୍ୟାଶିତ ୨୨·୯୩ କୋଟି ଟଙ୍କା ସ୍ଥଳେ ୪୬·୫୯ କୋଟି ଟଙ୍କାକୁ ବୃଦ୍ଧି ପାଇବ ।

୨୧ । ଭାରତ ସରକାର ଚଳିତବର୍ଷପାଇଁ ଯେଉଁ ବାର୍ଷିକ ଯୋଜନା ଖର୍ଚ୍ଚ ଅନୁମୋଦନ କରିଥିଲେ ତାହାର ପରିମାଣ ୩୨·୨୦ କୋଟି ଟଙ୍କା ଥିଲା । ଏହା ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଦ୍ୱାରା ଉଠାଯାଇଥିବା ଅଧିକ ଋଣ ୧·୨୦ କୋଟି ଟଙ୍କା ମିଶିବାରୁ ସମୁଦାୟ ଟଙ୍କାର ପରିମାଣ ୩୩·୪୦ କୋଟି ହେଲା । ଓଡ଼ିଶାର ବାର୍ଷିକ ଯୋଜନା ଖର୍ଚ୍ଚ ବୃଦ୍ଧି କରିବା ନିମନ୍ତେ ଏବେ ଭାରତ ସରକାର ଆହୁରି ୩·୩୫ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ଯାହାକି ବାଲିମେଳା ଯୋଜନା ଓ କ୍ଷୁଦ୍ର ଜଳସେଚନ ପରିକଳ୍ପନାମାନଙ୍କରେ ବିନିଯୋଗ କରାଯିବ । ତଦନୁସାରେ ଚଳିତବର୍ଷ ସକାଶେ ବାର୍ଷିକ ଯୋଜନା ଖର୍ଚ୍ଚର ପରିମାଣ ୩୬·୭୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ଫଳରେ ନିଅଣ୍ଟ ଅହୁରି ବୃଦ୍ଧି ପାଇଥାନ୍ତା, କିନ୍ତୁ ରାଜ୍ୟ ସରକାର ସର୍ବମୋଟ ନିଅଣ୍ଟ ହ୍ରାସ କରିବା-ପାଇଁ କେତେକ ପଦକ୍ଷେପ ନେଇଛନ୍ତି । ବାକିଆ ରାଜସ୍ୱ ଆଦାୟ କରିବା, ବହୁକାଳରୁ ଦେୟ ଭାବରେ ଗଡ଼ିଆସୁଥିବା ଋଣ ଟଙ୍କା ଆଦାୟ କରିବା ଏବଂ ଯେଉଁଠାରେ ସମ୍ଭବ ସେଠାରେ ସରକାରଙ୍କ ଚଳନ୍ତି ପ୍ରାପ୍ୟର ଅସୁଲ କ୍ଷିପ୍ରତର କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ନୂତନ ଖର୍ଚ୍ଚ ପ୍ରତିଶ୍ରୁତି ଉପରେ ସତର୍କ ଦୃଷ୍ଟି ଦିଆଯାଉଛି । ଏହିସବୁ ପଦକ୍ଷେପ ଫଳରେ ପ୍ରତ୍ୟାଶିତ ନିଅଣ୍ଟ ୩୨·୦୯ କୋଟି ଟଙ୍କାକୁ ହ୍ରାସ ପାଇବ ବୋଲି ଆଶା କରାଯାଏ ।

୨୨ । ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ରାଜ୍ୟ ସରକାରଙ୍କଠାରୁ ଭାରତ ସରକାରଙ୍କ ପ୍ରାପ୍ୟ ସମସ୍ତ ଋଣ ଓ ସେହି ଋଣ ଉପରେ ଦେୟ କଲାନ୍ତରକୁ ମିଶାଇ ସମସ୍ତ ଟଙ୍କା ରାଜ୍ୟ ସରକାର ପରିଶୋଧ କରିବେ ବୋଲି ଧରିନିଆଯାଇ ପ୍ରତ୍ୟାଶିତ ନିଅଣ୍ଟର ଏହି ସଂଶୋଧିତ ଅଟକଳ କରାଯାଇଛି । ଏବର୍ଷ ଭାରତ ସରକାରଙ୍କୁ ଋଣ ବାବଦରେ ୩୯·୧୬ କୋଟି ଟଙ୍କା ଓ ସୁଧ ବାବଦରେ ଆହୁରି ୧୫·୮୯ କୋଟି ଟଙ୍କା ପରିଶୋଧ କରାଯିବାର କଥା । ମାନ୍ୟବର ସଭ୍ୟମାନଙ୍କର ସ୍ମରଣ ଥିବ ଯେ ଯେତେବେଳେ ଓଭରଡ୍ରାଫ୍ଟ ପ୍ରଶ୍ନ ବିଚାର କରାଯାଉଥିଲା

ସେତେବେଳେ ଭାରତ ସରକାର ଏ ବିଷୟରେ ପଞ୍ଚମ ଅର୍ଥ କମିଶନଙ୍କ ମତାମତ ନେଉଥିଲେ ଓ ପଞ୍ଚମ ଅର୍ଥ କମିଶନ କେନ୍ଦ୍ରୀୟ ଋଣ ପରିଶୋଧ ସଂପର୍କରେ ରାଜ୍ୟମାନଙ୍କର ଅସୁବିଧା ହୃଦୟଙ୍ଗମ କରିଥିଲେ । ଅର୍ଥ କମିଶନ ଲକ୍ଷ୍ୟ କରିଥିଲେ ଯେ ଅଣ-ଯୋଜନା ବାବଦ ଆୟରେ ବିଶେଷ ବୃଦ୍ଧି ଦେଖାଯାଇ ନଥିବା ବେଳେ ପରିଶୋଧର ପରିମାଣ ଅତି କ୍ଷିପ୍ରଭାବରେ ବୃଦ୍ଧି ପାଉଛି । କମିଶନ ସୁପାରିଶ କରିଥିଲେ ଯେ ଯଦି ସମସ୍ତ ଆନ୍ତରିକ ଉଦ୍ୟମ ସତ୍ତ୍ୱେ କୌଣସି ରାଜ୍ୟର କ୍ୟାପିଟାଲ ବଜେଟ ସମତୁଲ ନହୁଏ, ତେବେ ସଂପୃକ୍ତ ରାଜ୍ୟସରକାରଙ୍କ ଦାବି କେନ୍ଦ୍ରୀୟ ଋଣର ପରିଶୋଧ ଆବଶ୍ୟକ ମାତ୍ରାରେ ମକୁବ ରଖାଯିବା ପ୍ରଶ୍ନ କେନ୍ଦ୍ର ସରକାର ବିବେଚନା କରିବା ଉଚିତ୍ । ଯେହେତୁ କେନ୍ଦ୍ର ସରକାରଙ୍କ ଦେୟ ବାବଦରେ ବହୁତ ଟଙ୍କା ପରିଶୋଧ କରାଯାଉଥିବା ଯୋଗୁଁ ମୁଖ୍ୟତଃ ଆମର ଚଳିତ ବର୍ଷର ପ୍ରତ୍ୟାଶିତ ନିଅଣ୍ଟ ଘଟୁଛି, ତେଣୁ ଆମ୍ଭେମାନେ ଯେପରି ଓଭର ଡ୍ରାଫ୍ଟକୁ ଏଡ଼ାଇ ପାରିବୁଁ ସେଥିପାଇଁ ଆମ୍ଭମାନଙ୍କୁ ଯଥେଷ୍ଟ ଋଣ-ରିଆତି ଦେବା ନିମନ୍ତେ ଆମ୍ଭେମାନେ କେନ୍ଦ୍ରକୁ ଅନୁରୋଧ କରିଛୁଁ । ଏ ବିଷୟରେ କେନ୍ଦ୍ର ସରକାରଙ୍କର ଚୂଡ଼ାନ୍ତ ନିଷ୍ପତ୍ତିକୁ ଏବେ ବି ଅପେକ୍ଷା କରାଯାଉଛି । ଯାହାହେଉ, ଏ ବିଷୟରେ ଆମେ ଆଶାଜନକ ଇଙ୍ଗିତ ପାଇଛୁଁ ଏବଂ ଯେହେତୁ ଏ ନିଅଣ୍ଟରୁ ଖସିବାର ବାଟ ନଥିବା ପରି ମନେ ହେଉଛି, ତେଣୁ ଆମ୍ଭେମାନେ ଧରି ନେଇଛୁଁ ଯେ ଋଣ-ରିଆତି ଆକାରରେ ହେଉ କିମ୍ବା ଆମ୍ଭେମାନେ ଯେପରି ଓଭରଡ୍ରାଫ୍ଟ ଏଡ଼ାଇ ପାରିବୁ ସେଥିପାଇଁ ସାନ ଋଣ ଆକାରରେ ହେଉ କେନ୍ଦ୍ର ସରକାରଙ୍କଠାରୁ ୩୨·୫୦ କୋଟି ଟଙ୍କାର ବିଶେଷ ସାହାଯ୍ୟ ମିଳିବ । ଆଉ ମଧ୍ୟ ଧରି ନିଆଯାଇଛି ଯେ ଏହି ଅସ୍ଥାୟୀ ସାହାଯ୍ୟର କୌଣସି ଅଂଶ ଆଗାମୀ ବର୍ଷ ମଧ୍ୟରେ ପରିଶୋଧ କରାଯିବ ନାହିଁ । ଏହି ଭିତ୍ତିରେ ଚଳିତ ଆର୍ଥିକ ବର୍ଷପାଇଁ ବର୍ଷଶେଷ ଜମାର ସଂଶୋଧିତ ଅଟକଳରେ ୫୧ ଲକ୍ଷ ଟଙ୍କା ବଳକା ରହୁଛି ।

## ୧୯୭୦-୭୧ ବଜେଟ୍ ଅଟକଳ

୨୩ । ୧୯୭୦-୭୧ ପାଇଁ ବଜେଟ୍ ଅଟକଳର ଏକ ମୋଟାମୋଟି ବିବରଣୀ ମୁଁ ବର୍ତ୍ତମାନ ଏ ଗୃହରେ ଉପସ୍ଥାପିତ କରିବି । ଆଗରୁ କୁହାଯାଇଛି ଯେ ଚଳିତ ବର୍ଷ ଶେଷରେ ୫୧ ଲକ୍ଷ ଟଙ୍କା ବଳକା ରହିବାର ସମ୍ଭାବନା ରହିଛି, ତାହା ସ୍ୱଭାବତଃ ୧୯୭୦-୭୧ ମସିହା ଆରମ୍ଭରେ ବଳକା ଜମା ହେବ । ସେହି ବର୍ଷ ମଧ୍ୟରେ ରାଜସ୍ୱ ଆୟ, ୧୯୬୮-୬୯ ମସିହାର ଟିକସ ଓ ଶୁଳ୍କ ହାର ଭିତ୍ତିରେ ୧୧୦·୭୭ କୋଟି ଟଙ୍କା ହେବ । ଅଣ-ଯୋଜନା ରାଜସ୍ୱ ବ୍ୟୟ ୧୨୬·୭୫ କୋଟି ଟଙ୍କା ହେବ ବୋଲି ଆଶା କରାଯାଏ । ତେଣୁ ୧୯୭୦-୭୧ ମସିହାରେ ଅଣ-ଯୋଜନା ରାଜସ୍ୱ-ନିଅଣ୍ଟ ୧୫·୯୮ କୋଟି ଟଙ୍କା ହେବାର

ସମ୍ଭାବନା ରହିଛି । ଯୋଜନା କ୍ଷେତ୍ରରେ ରାଜସ୍ୱ ହିସାବ ବାବଦରେ ୧୬·୮୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବଜେଟରେ ବ୍ୟବସ୍ଥା କରାଯାଇଛି । ଏହି ବ୍ୟୟକୁ ତୁଲାଇବା ପାଇଁ ଗ୍ରାଣ୍ଟ ଆକାରରେ କେନ୍ଦ୍ରୀୟ ସାହାଯ୍ୟ ପରିମାଣ ୧୫·୬୦ କୋଟି ଟଙ୍କା ଅଟକଳ କରାଯାଇଛି । ତେଣୁ ଅଧିକ ସମ୍ବଳ ଉଠାଣ ବ୍ୟବସ୍ଥାର ଫଳାଫଳ ବିଷୟକୁ ନନେଲେ ଯୋଜନା କ୍ଷେତ୍ରରେ ରାଜସ୍ୱ ନିଅଣ୍ଟ ୧·୨୨ କୋଟି ଟଙ୍କା ହେବାର ସମ୍ଭାବନା । ଅତଏବ ୧୯୭୦-୭୧ ମସିହାରେ ସମଗ୍ର ରାଜସ୍ୱ ନିଅଣ୍ଟ ୧୭·୧୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

୨୪ । କ୍ୟାପିଟାଲ ଏକାଉଣ୍ଟର ଅଣ-ଯୋଜନା କ୍ଷେତ୍ରରେ ଆୟବ୍ୟୟ ଯଥାକ୍ରମେ ୨୪·୫୨ କୋଟି ଓ ୪୮·୦୧ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହା ଫଳରେ ୨୩·୪୯ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ଖୋଲା ବଜାରରୁ ରାଜ୍ୟ ସରକାର ଯେଉଁ ୭ କୋଟି ଟଙ୍କା ଋଣ ଆକାରରେ ପାଇବାର ପ୍ରସ୍ତାବ ରଖିଛନ୍ତି ତାହା ଏହି ଆୟର ଅନ୍ତର୍ଭୁକ୍ତ ଏବଂ କେନ୍ଦ୍ର ସରକାରଙ୍କୁ ଋଣ ପରିଶୋଧ ବାବଦ ୩୨·୦୩ କୋଟି ଟଙ୍କା ବ୍ୟୟ-ଅଟକଳର ଅନ୍ତର୍ଭୁକ୍ତ । ରାଜ୍ୟର ଋଣ ବୋଝର ଏକ ସବିଶେଷ ହିସାବ ପରିଶିଷ୍ଟ 'କ' ରେ ଦିଆଯାଇଛି । ଯୋଜନା କ୍ଷେତ୍ରରେ ଆୟ ଓ ବ୍ୟୟର ପରିମାଣ ଯଥାକ୍ରମେ ୨୨·୨୦ କୋଟି ଟଙ୍କା ଓ ୨୭·୦୧ କୋଟି ଟଙ୍କା । ଏହା ଫଳରେ ୪·୮୧ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ଏହି ଭାବରେ କ୍ୟାପିଟାଲ ଏକାଉଣ୍ଟରେ ସର୍ବମୋଟ ନିଅଣ୍ଟ ୨୮·୩୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

୨୫ । ପବ୍ଲିକ୍ ଏକାଉଣ୍ଟ କ୍ଷେତ୍ରରେ ଆୟ ୧୫୪·୩୧ କୋଟି ଟଙ୍କା ଅଟକଳ କରାଯାଇଛି ଏବଂ ଏଥିରୁ ସମ୍ଭାବିତ ବ୍ୟୟ ୧୪୬·୨୧ କୋଟି ଟଙ୍କା ଯାଇ ଅବଶିଷ୍ଟ ୮·୧୦ କୋଟି ଟଙ୍କା ବଳକା ରହିବାର ସମ୍ଭାବନା ଅଛି । ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ଯଦିଓ ଦେଣା ନିକାଶ (ଆମୋର୍ଟାଇଜେସନ୍)ପାଇଁ ପଞ୍ଚମ ଅର୍ଥ କମିଶନ ନିକ୍ଷେପନିଧି (ସିଂକିଂ ଫଣ୍ଡ) ପାଇଁ ନାମମାତ୍ର ଅର୍ଥ ବ୍ୟବସ୍ଥା ରଖିଥିଲେ, ତଥାପି ଖୋଲା ବଜାରରୁ ଉଠାଇଥିବା ଋଣର ପରିଶୋଧ ବ୍ୟବସ୍ଥା ଭବିଷ୍ୟତରେ ସୁଗମ କରିବା ନିମନ୍ତେ ରାଜ୍ୟ ସରକାର ଏ ସମ୍ପର୍କରେ ପୂର୍ଣ୍ଣ ବ୍ୟବସ୍ଥା କରିଛନ୍ତି । ନିକ୍ଷେପନିଧିକୁ ଯାଉଥିବା ଟଙ୍କା ରାଜସ୍ୱ ହିସାବ (ରେଭିନ୍ୟୁ ଏକାଉଣ୍ଟ)ରେ ବ୍ୟୟ ଓ ପବ୍ଲିକ୍ ଏକାଉଣ୍ଟରେ ଆୟ ରୂପେ ଦର୍ଶାଯାଇଛି । ଏତଦ୍‌ଭିନ୍ନ ଦରମା ଓ ମହଙ୍ଗା ଭତ୍ତା ହାର ସଂଶୋଧନ ଫଳରେ ଭବିଷ୍ୟନିଧିରେ (ପ୍ରୋଭିଡେଣ୍ଟ ଫଣ୍ଡ) ଜମା ବୃଦ୍ଧି ପାଇବା ଯୋଗୁଁ ପବ୍ଲିକ୍ ଏକାଉଣ୍ଟରେ ବଳକା ରହୁଛି ।

୨୭। ଏହି ଭାବରେ ୧୯୭୦-୭୧ ମସିହା ମଧ୍ୟରେ ରାଜ୍ୟ ସରକାରଙ୍କର ଦେଣ-ନେଣ ଫଳରେ ସର୍ବମୋଟ ୩୭·୩୦ କୋଟି ଟଙ୍କା ନିଅଣ୍ଟ ପଡ଼ିବାର ଅଟକଳ କରାଯାଇଛି।

## ଅଧିକ ସମ୍ବଳ ସଂଗ୍ରହ

୨୭। ପ୍ରତ୍ୟାଶିତ ନିଅଣ୍ଟ ପରିମାଣ ଏତେ ବେଶୀ ଯେ ଏହାକୁ ପୂରାପୂରି ସମତୁଲ୍ କରିବା ରାଜ୍ୟ ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ। ଯାହାହେଉ, ନିଅଣ୍ଟ ପରିମାଣ ଯଥାସମ୍ଭବ ହ୍ରାସ କରିବାପାଇଁ ଉଦ୍ୟମ କରିବାକୁ ହେବ। ପୂର୍ବରୁ ଦର୍ଶା-ଯାଇଥିବାମତେ ୧୯୬୯-୭୦ ମସିହାର ଟିକସ ଓ ଶୁଳ୍କ ହାର ଅନୁସାରେ ରାଜସ୍ୱ ଆୟ ଅଟକଳ କରାଯାଇଛି। ୧୯୬୯ରୁ ୧୯୭୪ ଏହି ପାଞ୍ଚ ବର୍ଷ ମଧ୍ୟରେ ୩୫ କୋଟି ଟଙ୍କା ଅଧିକ ସମ୍ବଳ ଉଠାଇବାପାଇଁ ରାଜ୍ୟସରକାର ସମ୍ମତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାଜ୍ୟସରକାର ୧୯୭୦-୭୧ ମସିହାରେ ୬·୦୨ କୋଟି ଟଙ୍କା ସଂଗ୍ରହ କରିବାକୁ ପ୍ରସ୍ତାବ କରୁଛନ୍ତି। ଏସବୁ ମଧ୍ୟରୁ ଯାତ୍ରୀ ଭଡ଼ା ଉପରେ ଟିକସ ଧାର୍ଯ୍ୟ, ୨ ନମ୍ବର ଏକ୍ସପ୍ରେସ୍ ରାସ୍ତାରେ ମାହାସୁଲ (ଟୋଲ) ଧାର୍ଯ୍ୟ, କେନ୍ଦୁପତ୍ର ବ୍ୟବସାୟର ସମୀକରଣ, ବିକ୍ରିକର ହାରର ସଂଶୋଧନ, ରାଜ୍ୟ ଲଟେରି ପ୍ରଚଳନ ପ୍ରଭୃତି କେତେକ ପନ୍ଥା ଏବର୍ଷ ହାତକୁ ନିଆଯାଇଛି। କେତେକ ସାନ ବ୍ୟବସ୍ଥା ଚଳାଇବାର ପ୍ରସ୍ତାବ ମଧ୍ୟ ରହିଛି। ୧୯୭୦-୭୧ ମସିହାରେ ୬·୦୨ କୋଟି ଟଙ୍କାର ଅଧିକ ରାଜସ୍ୱ ନିମ୍ନଲିଖିତ ସୂତ୍ରରୁ ଆଦାୟ କରିବା ପାଇଁ ପ୍ରସ୍ତାବ ରଖାଯାଇଛି:—

ପଥକର (ସେସ୍) ହାରବୃଦ୍ଧି
ସରକାରୀ ଜମି ପଟ୍ଟା ଦେବା ଲାଗି ସଲାମି
କୃଷି ଆୟକର ଜମାବନ୍ଦ ପଦ୍ଧତିର ସମୀକରଣ
ଷ୍ଟାମ ଷ୍ଟା (ମ୍ପ) ଶୁଳ୍କ ସଂଶୋଧନ
ଅବକାରୀ ଶୁଳ୍କର ପୁନର୍ବିନ୍ୟାସ
ବିକ୍ରିକର ହାର ସଂଶୋଧନ
ଯାତ୍ରୀ ଭଡ଼ା ଉପରେ ଟିକସ ଧାର୍ଯ୍ୟ
ବିଦ୍ୟୁତ୍ ଶୁଳ୍କ ବୃଦ୍ଧି
ଜଳକର ବୃଦ୍ଧି
ଖଣି ରୟାଲ୍‌ଟିର ହାର ବୃଦ୍ଧି
୨ନମ୍ବର ଏକ୍ସପ୍ରେସ୍ ରାସ୍ତାରେ ମାସୁଲ ଆଦାୟ
ଜଙ୍ଗଲରୁ ଅଧିକ ଆୟ
ରାଜ୍ୟ ଲଟେରିରୁ ଆଦାୟ

ଏହିସବୁ ବ୍ୟବସ୍ଥାର ପ୍ରାକ୍‌କଳିତ ଆୟୁ ହିସାବକୁ ନେଲେ ରାଜସ୍ୱ-ନିଅଣ୍ଟ ପରିମାଣ ୧୧.୦୮ କୋଟି ଟଙ୍କାକୁ ଖସି ଆସୁଛି ଏବଂ ସର୍ବମୋଟ ନିଅଣ୍ଟର ପରିମାଣ ୩୧.୨୮ କୋଟି ଟଙ୍କାକୁ ହ୍ରାସ ପାଉଛି । ତେଣୁ, ବର୍ଷ ଆରମ୍ଭରେ ୪୧ ଲକ୍ଷ ଟଙ୍କା ଜେର ଜମା (opening balance) ଦର୍ଶାଇ ୧୯୭୦-୭୧ ମସିହାର ହିସାବରେ ବର୍ଷ ଶେଷରେ ସର୍ବମୋଟ ୩୦.୮୭ କୋଟି ଟଙ୍କା ନିଅଣ୍ଟ ରହିବାର ସମ୍ଭାବନା । ରାଜ୍ୟ ସରକାର ଆୟ ବୃଦ୍ଧି କରିବା ଏବଂ ଖର୍ଚ୍ଚ ସଙ୍କୁଚିତ କରିବା ନିମନ୍ତେ ଯଥାସମ୍ଭବ ବ୍ୟବସ୍ଥା ଗ୍ରହଣ କରିସାରିଥିବା ସତ୍ତ୍ୱେ ଏପରି ଘଟୁଥିବାରୁ ଏଥିରୁ ମୁକ୍ତିର ବାଟ ନଥିବା ମନେ ହୁଏ ।

୨୮ । ପ୍ରଚଳିତ ଅର୍ଥ ବଣ୍ଟନ ବ୍ୟବସ୍ଥା ଭିତ୍ତିରେ ଓଡ଼ିଶାର ବଜେଟ୍ ପରିସ୍ଥିତିରେ କେବଳ ବର୍ତ୍ତମାନ ପାଇଁ ନୁହେଁ, ସମଗ୍ର ଚତୁର୍ଥ ଯୋଜନାକାଳ ପାଇ ମଧ୍ୟ ନିଅଣ୍ଟ ରହିବା ନିଶ୍ଚିତ ବୋଲି ଭାରତ ସରକାରଙ୍କୁ ଜଣାଇ ଦିଆଯାଇଛି । ବର୍ତ୍ତମାନ ଅବସ୍ଥା ସମ୍ଭାଳି ନେବା ପାଇଁ ଋଣ-ରିହାତି ଆକାରରେ କିଛି ବିଶେଷ (ଆଡ୍‌ହକ୍) ସାହାଯ୍ୟ ଯୋଗାଇଦେବା ଭାରତ ସରକାର ଚିନ୍ତା କରୁଛନ୍ତି । ହୁଏତ ଋଣ ଆଦାୟ ମକୁବ ରଖିବା କିମ୍ବା ସାନ ଋଣ ଦେବା ଆକାରରେ କେନ୍ଦ୍ରୀୟ ସାହାଯ୍ୟ ଯୋଗୁଁ ରାଜ୍ୟ ସରକାରଙ୍କ କ୍ୟାପିଟାଲ ବଜେଟକୁ ଅସ୍ଥାୟୀ ସାହାଯ୍ୟ ମିଳିପାରେ, କିନ୍ତୁ ଦୁର୍ବଳ ରାଜ୍ୟମାନଙ୍କର ରାଜସ୍ୱ ଓ ଆବଶ୍ୟକତା ମଧ୍ୟରେ ରହୁଥିବା ତାରତମ୍ୟ ଭଳି ସମସ୍ୟାର କୌଣସି ସ୍ଥାୟୀ ସମାଧାନ ଏହାଦ୍ୱାରା ହୋଇ ପାରିବ ନାହିଁ ।

## ଦରମା କମିଶନ

୨୯ । ପୂର୍ବରୁ ଦର୍ଶାଯାଇଥିବା ଅଣଯୋଜନା ଖର୍ଚ୍ଚ ଅଟକଳ ମଧ୍ୟରେ ଦରମାହାର ଓ ମହଙ୍ଗାଭତ୍ତା ପ୍ରଭୃତିର ସଂଶୋଧନ ବାବଦରେ ୮.୨୪ କୋଟି ଟଙ୍କାର ଖର୍ଚ୍ଚ ଅନ୍ତର୍ଭୁକ୍ତ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ବସାଯାଇଥିବା ଦରମା କମିଶନ ତାଙ୍କର ସୁପାରିଶଗୁଡ଼ିକ ଦାଖଲ କରି ସାରିଛନ୍ତି । ଏହି ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ବାର୍ଷିକ ୪.୯୧ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି । ଗତ ବର୍ଷ ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ ଦରମା କମିଶନଙ୍କ ସୁପାରିଶ ଉପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ୧୯୬୯ ଅପ୍ରେଲ ପହିଲାଠାରୁ କାର୍ଯ୍ୟକାରୀ କରାଯିବ । ସେ ସମୟ ସୁଦ୍ଧା କେବଳ ସରକାରୀ କର୍ମଚାରୀମାନଙ୍କ ସଂପର୍କରେ ଦରମା କମିଶନଙ୍କ ସୁପାରିଶ ରାଜ୍ୟ ସରକାର ପାଇଥିଲେ ଏବଂ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବାର୍ଷିକ ୩.୨୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଦରମା କମିଶନଙ୍କ ସୁପାରିଶ ଉପରେ ସରକାରଙ୍କ ନିଷ୍ପତ୍ତି ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ଏଥି ସଂପୃକ୍ତ ବିଭିନ୍ନ ପ୍ରଶ୍ନର ବିଚାର କରିବାପାଇଁ ଏକ ମନ୍ତ୍ରୀମଣ୍ଡଳ କମିଟି ଗଠନ କରାଯାଇଥିଲା ।